# ୧୧

# ଭାରତର ସଂସଦ

ତୁମେ ପୂର୍ବ ଅଧ୍ୟାୟରୁ ଜାଣିଲ ଯେ, ଭାରତରେ ଏକ ସଂସଦୀୟ ସରକାର ପ୍ରତିଷ୍ଠିତ ହୋଇଛି ଯେଉଁଠାରେ ପ୍ରଧାନମନ୍ତ୍ରୀ ଓ ତାଙ୍କ ମନ୍ତ୍ରୀପରିଷଦ ମିଳିତ ଭାବରେ ସଂସଦର ନିମ୍ନକକ୍ଷ ବା ଲୋକସଭା ନିକଟରେ ଦାୟୀ । ଗୋଟିଏ ସଂସଦୀୟ ସରକାରରେ ସଂସଦ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ । ଭାରତର ଜନସାଧାରଣ ସେମାନଙ୍କର ପ୍ରତିନିଧିମାନଙ୍କୁ ନିର୍ବାଚିତ କରନ୍ତି, ଯେଉଁମାନେ ସଂସଦର ସଭ୍ୟ ଅଟନ୍ତି ଓ ଏହି ପ୍ରତିନିଧିମାନେ ଆଇନ ପ୍ରଣୟନ କରିବା ସହ ଜନସାଧାରଣଙ୍କ ତରଫରୁ କାର୍ଯ୍ୟପାଳିକାକୁ ନିୟନ୍ତ୍ରଣ କରନ୍ତି । ପ୍ରଧାନମନ୍ତ୍ରୀ ଓ ତାଙ୍କ ମନ୍ତ୍ରୀପରିଷଦ ସେତେବେଳ ପର୍ଯ୍ୟନ୍ତ କ୍ଷମତାସୀନ ରୁହନ୍ତି ଯେତେବେଳେ ପର୍ଯ୍ୟନ୍ତ ସେମାନେ ଲୋକସଭାର ଆସ୍ଥାଭାଜନ ରୁହନ୍ତି । ସଂସଦ (ଲୋକସଭା) ପ୍ରଧାନମନ୍ତ୍ରୀ ଓ ତାଙ୍କ ମନ୍ତ୍ରୀ ପରିଷଦକୁ ଅନାସ୍ଥାପ୍ରସ୍ତାବ ମାଧ୍ୟମରେ କ୍ଷମତାଚ୍ୟୁତ କରିପାରିବ । ତେଣୁ ସଂସଦ ଆମ ସଂସଦୀୟ ବ୍ୟବସ୍ଥାରେ ଏକ କେନ୍ଦ୍ରୀୟ ଭୂମିକା ଗ୍ରହଣ କରେ ।




ଭାରତୀୟ ସଂସଦର ଏକ ଦୃଶ୍ୟ

## ଉଦ୍ଦେଶ୍ୟ :

ଏହି ଅଧ୍ୟାୟ ପଠନ ପରେ ତୁମେ ନିମ୍ନୋକ୍ତ ବିଷୟ ଜାଣିପାରିବ ।

- ଭାରତର ସଂସଦ ରାଷ୍ଟ୍ରପତି ଓ ଦୁଇଟି କକ୍ଷକୁ ନେଇ ଗଠିତ ।
- ରାଜ୍ୟସଭା ଓ ଲୋକସଭାର ଗଠନ ।





- ଭାରତର ସଂସଦର କାର୍ଯ୍ୟାବଳୀ ।
- ଭାରତର ସଂସଦରେ ଆଇନ ପ୍ରଣୟନ ପ୍ରଣାଳୀ ଓ ଉଭୟକକ୍ଷରେ କାର୍ଯ୍ୟାବଳୀ ଓ କ୍ଷମତାର ତୁଳନା ଓ କିପରି ଲୋକସଭା ରାଜ୍ୟସଭାଠାରୁ ଅଧିକ କ୍ଷମତାଶାଳୀ ।

## ୧୧.୧ ସଂସଦର ଗଠନ

ସଂସଦରେ ଦୁଇଟି କକ୍ଷ ରହିଛି — ରାଜ୍ୟସଭା ଓ ଲୋକସଭା । ରାଜ୍ୟସଭା ହେଉଛି ଉଚ୍ଚକକ୍ଷ ଓ ଏହା ରାଜ୍ୟମାନଙ୍କର ପ୍ରତିନିଧିତ୍ୱ କରେ । ଅପର ପକ୍ଷରେ ଲୋକସଭା ନିମ୍ନକକ୍ଷ ଭାବରେ ପରିଚିତ । ଲୋକସଭାକୁ ଜନସାଧାରଣଙ୍କ କକ୍ଷ ବୋଲି କୁହାଯାଏ । କାରଣ ଏହା ଭାରତର ଜନସାଧାରଣଙ୍କର ପ୍ରନିନିଧିତ୍ୱ କରେ । ରାଷ୍ଟ୍ରପତିଙ୍କୁ ସଂସଦର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଧରାଯାଏ । ଯଦିଓ ସେ ସଂସଦର ସଭ୍ୟ ନୁହନ୍ତି । ସଂସଦର ଗୋଟିଏ ମୌଳିକ ଉପାଦାନ ହିସାବରେ ରାଷ୍ଟ୍ରପତିଙ୍କୁ କେତେଗୁଡ଼ିଏ କ୍ଷମତା ଓ କାର୍ଯ୍ୟାବଳୀ ପ୍ରଦାନ କରାଯାଉଛି । ଯାହାକି ତୁମେ ପୂର୍ବ ଅଧ୍ୟାୟରେ ପଠନ କରିଛ । ଏହି ଅଧ୍ୟାୟରେ ତୁମେ ଉଭୟ କକ୍ଷ ସଂବନ୍ଧରେ ପ୍ରାଞ୍ଜଳ ଭାବରେ ପଠନ କରିବ ।

### ୧୧.୧.୧. ରାଜ୍ୟସଭା : ପ୍ରତିନିଧିତ୍ୱ ଓ ନିର୍ବାଚନ

ରାଜ୍ୟସଭା ବା ଉଚ୍ଚକକ୍ଷ ସଂସଦର ଏକ ସ୍ଥାୟୀ କକ୍ଷ, କାରଣ ଏହା ଭଙ୍ଗ କରାଯାଇ ପାରିବ ନାହିଁ । ରାଜ୍ୟସଭାର ସଭ୍ୟସଂଖ୍ୟା ୨୫୦ରୁ ଅଧିକ ହୋଇପାରିବ ନାହିଁ । ଏମାନଙ୍କ ମଧ୍ୟରୁ ୧୨ ଜଣଙ୍କୁ ରାଷ୍ଟ୍ରପତି ସେମାନଙ୍କର ସାହିତ୍ୟ, ବିଜ୍ଞାନ, କଳା ଓ ସମାଜସେବାରେ ଉତ୍କର୍ଷତା ପାଇଁ ମନୋନୀତ କରିଥାଆନ୍ତି । ଅନ୍ୟ ସଭ୍ୟମାନେ ନିର୍ବାଚିତ ହୋଇଥାଆନ୍ତି । ବର୍ତ୍ତମାନ ଏହାର ସମୁଦାୟ ସଭ୍ୟ ସଂଖ୍ୟା ୨୪୫ ।

ରାଜ୍ୟସଭା ଭାରତର ସମ୍ମିଳିତ ରାଜ୍ୟମାନଙ୍କୁ ପ୍ରତିନିଧିତ୍ୱ କରିଥାଏ । ରାଜ୍ୟମାନଙ୍କର ବିଧାନସଭା ନିର୍ବାଚନ ପ୍ରତିନିଧିମାନେ ସମାନୁପାତିକ ପ୍ରତିନିଧିତ୍ୱ ଓ ଏକକ ହସ୍ତାନ୍ତରୀତ ଭୋଟ ପ୍ରଣାଳୀରେ ନିର୍ବାଚିତ କରିଥାଆନ୍ତି । କିନ୍ତୁ ସବୁ ରାଜ୍ୟ ସମାନ ସଂଖ୍ୟକ ସଭ୍ୟଙ୍କୁ ନିର୍ବାଚିତ କରି ନଥାଆନ୍ତି । ସେମାନଙ୍କର ସଭ୍ୟ ସଂଖ୍ୟା ରାଜ୍ୟର ଲୋକସଂଖ୍ୟା ଅନୁସାରେ ସ୍ଥିର ହୋଇଥାଏ । ତେଣୁ ବୃହତ୍ ରାଜ୍ୟମାନଙ୍କର ଅଧିକ ପ୍ରତିନିଧିତ୍ୱ ଥିବାବେଳେ କ୍ଷୁଦ୍ର ରାଜ୍ୟମାନଙ୍କର ପ୍ରତିନିଧିତ୍ୱ କମ୍ ହୋଇଥାଏ । ଯେପରି ଉତ୍ତର ପ୍ରଦେଶ ଭଳି ରାଜ୍ୟର ୩୧ ଜଣ ସଦସ୍ୟ ଥିଲା ବେଳେ ସିକିମ୍ ଓ ତ୍ରିପୁରା ପରି ରାଜ୍ୟମାନଙ୍କର ମାତ୍ର ଜଣେ ପ୍ରତିନିଧି ରହିଛନ୍ତି । ଦିଲ୍ଲୀ ବିଧାନସଭା ତିନିଜଣ ପ୍ରତିନିଧି ନିର୍ବାଚିତ କଲାବେଳେ ପଣ୍ଡିଚେରୀ ଜଣେ ପ୍ରତିନିଧି ନିର୍ବାଚିତ କରିଥାଏ । ଅନ୍ୟ କେନ୍ଦ୍ର ଶାସିତ ଅଞ୍ଚଳ ରାଜ୍ୟସଭାରେ ପ୍ରତିନିଧିତ୍ୱ କରନ୍ତି ନାହିଁ ।

### ୧୧.୧.୨. ଯୋଗ୍ୟତା

ରାଜ୍ୟସଭାର ସଭ୍ୟ ହେବା ପାଇଁ ନିମ୍ନୋକ୍ତ ଯୋଗ୍ୟତା ଥିବା ଦରକାର ।

୧। ପ୍ରାର୍ଥୀ ଭାରତର ନାଗରିକ ହୋଇଥିବେ ଓ ତାଙ୍କୁ ଅତିକମ୍‌ରେ ୩୦ ବର୍ଷ ବୟସ ହୋଇଥିବ ।

୨। ଶପଥ ପାଠକରି ବା ସତ୍ୟୋକ୍ତି ପ୍ରକାଶ କରିବେ ଯେ, ସେ ପ୍ରକୃତରେ ଭାରତର ସମ୍ବିଧାନ ପ୍ରତି ବିଶ୍ୱାସ ଓ ଆନୁଗତ୍ୟ ରକ୍ଷା କରିବେ ।

୩। ୧୯୫୧ର ଜନ ପ୍ରତିନିଧି ଆଇନ ଅନୁସାରେ ସେ ଯେଉଁ ରାଜ୍ୟରୁ ନିର୍ବାଚନ ଲଢ଼ିବେ, ସେହି ରାଜ୍ୟର ଭୋଟର ହିସାବରେ ପଞ୍ଜିକୃତ ହୋଇଥବେ । କିନ୍ତୁ ୨୦୦୩ ମସିହାରେ ରାଜ୍ୟସଭା ନିର୍ବାଚନକୁ ନେଇ ଦୁଇଟି ବ୍ୟବସ୍ଥା ସୃଷ୍ଟି କରାଯାଇଛି ।



Notes



(i) ଜଣେ ଭାରତୀୟ ନାଗରିକ ଯେକୌଣସି ରାଜ୍ୟର ବାସିନ୍ଦା ହୋଇଥିଲେ ବି ଗୋଟିଏ ରାଜ୍ୟର ରାଜ୍ୟସଭା ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିପାରିବେ ।

(ii) ନିର୍ବାଚନ ପ୍ରକ୍ରିୟା ମୁକ୍ତ ଭୋଟ ବ୍ୟବସ୍ଥା ଅନୁସାରେ ହେବ ।

## ୧୧.୧.୩ କାର୍ଯ୍ୟକାଳ

ପ୍ରତ୍ୟେକ ରାଜ୍ୟସଭା ସଦସ୍ୟ ଛଅବର୍ଷ କାର୍ଯ୍ୟକାଳ ପାଇଁ ସୁରକ୍ଷିତ ରୁହନ୍ତି । ଏହାର ଏକ ତୃତୀୟାଂଶ ସଭ୍ୟ ପ୍ରତ୍ୟେକ ଦୁଇ ବର୍ଷରେ ଅବସର ନିଅନ୍ତି । ସେମାନେ ପୁନର୍ବାର ସଭ୍ୟପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ । କିନ୍ତୁ ଜଣେ ସଭ୍ୟ ଯିଏ ମଧ୍ୟବର୍ତ୍ତୀ ନିର୍ବାଚନ ମାଧ୍ୟମରେ ନିର୍ବାଚିତ ହୁଅନ୍ତି କେବଳ ଅବଶିଷ୍ଟ ଅବଧିପାଇଁ ସଭ୍ୟପଦରେ ରହିବେ । ଏହି ପ୍ରକାର ନିର୍ବାଚନ ବ୍ୟବସ୍ଥା ରାଜ୍ୟସଭାର ଅବିଚ୍ଛିନ୍ନ କାର୍ଯ୍ୟକଳାପକୁ ବଜାୟ ରଖେ ।

## ୧୧.୧.୪ ରାଜ୍ୟସଭାର ପଦାଧିକାରୀ

ଭାରତର ଉପରାଷ୍ଟ୍ରପତି ତାଙ୍କ ପଦବଳରେ ରାଜ୍ୟସଭାର ଅଧ୍ୟକ୍ଷ ଅଟନ୍ତି । ସେ ରାଜ୍ୟସଭାର ଅଧିବେଶନରେ ସଭାପତିତ୍ୱ କରନ୍ତି । ତାଙ୍କ ଅନୁପସ୍ଥିତିରେ ଉପାଧ୍ୟକ୍ଷ ସଭାପତିତ୍ୱ କରନ୍ତି । ଯିଏ କି ରାଜ୍ୟସଭାର ସଭ୍ୟମାନଙ୍କ ଦ୍ୱାରା ନିଜ ମଧ୍ୟରୁ ନିର୍ବାଚିତ ଜଣେ ସଦସ୍ୟ । ଉପାଧ୍ୟକ୍ଷ ରାଜ୍ୟସଭାର ସଂଖ୍ୟାଗରିଷ୍ଠ ସଦସ୍ୟଙ୍କ ସମର୍ଥନରେ ବହିଷ୍କୃତ ହୋଇପାରିବେ । କିନ୍ତୁ ଅଧ୍ୟକ୍ଷ (ଉପରାଷ୍ଟ୍ରପତି) ରାଜ୍ୟସଭାର ସଂଖ୍ୟାଗରିଷ୍ଠ ସଭ୍ୟଙ୍କ ସମର୍ଥନରେ ଆଗତ ଓ ଲୋକସଭା ଦ୍ୱାରା ଗୃହୀତ ପ୍ରସ୍ତାବ ଦ୍ୱାରା ହିଁ ବହିଷ୍କୃତ ହୋଇପାରିବେ ।

ଯେହେତୁ ଉପରାଷ୍ଟ୍ରପତି ନିଜ ପଦ ବଳରେ ରାଜ୍ୟସଭାର ଅଧ୍ୟକ୍ଷ ହୋଇଥାଆନ୍ତି ସାଧାରଣ ଭାବରେ ତାଙ୍କର ଭୋଟ ଦେବାର କ୍ଷମତା ନଥାଏ । କେବଳ ଯେତେବେଳେ କୌଣସି ନିଷ୍ପତ୍ତି ନେଇ ଭୋଟରେ ସମାନତା (Tie) ସୃଷ୍ଟି ହୁଏ, ସେତେବେଳେ ସେ ନିର୍ଣ୍ଣାୟକ ଭୋଟ ପ୍ରଦାନ କରିଥାଆନ୍ତି ।

**ସମାନତା (Tie)** ର ଅର୍ଥ ହେଲା କୌଣସି ଚିଠା ବା ପ୍ରସ୍ତାବକୁ ନେଇ ସପକ୍ଷ ଓ ବିପକ୍ଷ ଭୋଟ ସମାନ ହେବା କାରଣରୁ ସୃଷ୍ଟି ହୋଇଥିବା ପରିସ୍ଥିତି । ଏଭଳି କ୍ଷେତ୍ରରେ ସଭାପତିତ୍ୱ କରୁଥିବା ବ୍ୟକ୍ତି ସପକ୍ଷ ବା ବିପକ୍ଷରେ ଭୋଟ ଦେଇ ପରିସ୍ଥିତିର ସମାଧାନ କରିଥାନ୍ତି ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୧୧.୧

୧। ରାଜ୍ୟସଭାରେ ସର୍ବାଧିକ କେତେଜଣ ସଦସ୍ୟ ରହିପାରିବେ ?

୨। ରାଜ୍ୟସଭାକୁ ରାଷ୍ଟ୍ରପତି କେତେ ଜଣ ସଦସ୍ୟଙ୍କୁ ମନୋନିତ କରିଥାଆନ୍ତି ?

୩। କେଉଁମାନେ ରାଜ୍ୟସଭାର ସଦସ୍ୟମାନଙ୍କୁ ନିର୍ବାଚିତ କରିବା ପାଇଁ ଭୋଟ ଦେଇ ପାରିବେ ?


୪। ରାଜ୍ୟସଭାର ସଦସ୍ୟମାନଙ୍କର କାର୍ଯ୍ୟକାଳ କେତେ ?

୫। ରାଜ୍ୟସଭାର ସଦସ୍ୟ ହେବା ପାଇଁ ଜଣେ ବ୍ୟକ୍ତିଙ୍କର ଆବଶ୍ୟକ ସର୍ବନିମ୍ନ ବୟସ କେତେ ?

୬। ନିଜ ପଦବଳରେ କିଏ ରାଜ୍ୟସଭାର ଅଧ୍ୟକ୍ଷ ହୁଅନ୍ତି ।

## ୧୧.୧.୫ ଲୋକସଭାର ସଭ୍ୟପଦ ଓ ନିର୍ବାଚନ

ରାଜ୍ୟସଭା ପରି ଲୋକସଭା ଏକ ସ୍ଥାୟୀ ସଭା ନୁହେଁ । ଲୋକସଭାର ସଦସ୍ୟମାନେ ପ୍ରତ୍ୟକ୍ଷ ଭାବରେ ଜନସାଧାରଣଙ୍କ ଦ୍ୱାରା ସାର୍ବଜନୀନ ସାବାଳକ ଭୋଟ ପ୍ରଥା ଅନୁସାରେ ନିର୍ବାଚିତ ହୁଅନ୍ତି । ଏହା





ଜନସାଧାରଣଙ୍କ କକ୍ଷ ବା ନିମ୍ନକକ୍ଷ ଭାବରେ ପରିଚିତ । ଲୋକସଭାର ଅନୁମୋଦିତ ସଭ୍ୟସଂଖ୍ୟା ୫୫୦, ଯେଉଁଥିରୁ ୫୩୦ ଜଣ ପ୍ରତ୍ୟେକ୍ଷଭାବରେ ରାଜ୍ୟମାନଙ୍କରୁ ଓ ୨୦ ଜଣ କେନ୍ଦ୍ରଶାସିତ ଅଞ୍ଚଳରୁ ନିର୍ବାଚିତ ହୁଅନ୍ତି । ଏହାଛଡ଼ା ରାଷ୍ଟ୍ରପତି ଆଙ୍ଗଲୋ ଇଣ୍ଡିଆନ୍ (ଇଂରେଜ ଓ ଭାରତୀୟଙ୍କ ମିଶ୍ରଣ) ଗୋଷ୍ଠୀରୁ ଦୁଇଜଣ ସଭ୍ୟଙ୍କୁ ମନୋନୀତ କରିପାରିବେ, ଯଦି ସିଏ ଅନୁଭବ କରନ୍ତି ଯେ ସେମାନଙ୍କ ପ୍ରତିନିଧିତ୍ୱ ଆବଶ୍ୟକତା ଅନୁସାରେ ହୋଇନାହିଁ ।

କେତେଗୁଡ଼ିଏ ସଭ୍ୟପଦ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ସଂରକ୍ଷିତ ହୋଇଥାଏ । ପ୍ରାରମ୍ଭରେ ଏହି ବ୍ୟବସ୍ଥା ସଂବିଧାନ ପ୍ରଣୟନ ଦିନ ଠାରୁ ଦଶବର୍ଷ ପାଇଁ ଧାର୍ଯ୍ୟ ହୋଇଥିଲା । ଯାହାକି ବହୁବାର ସଂବିଧାନ ସଂଶୋଧନ ମାଧ୍ୟମରେ ବୃଦ୍ଧି କରାଯାଇଛି । ୭୯ ତମ ସଂବିଧାନ ସଂଶୋଧନ ଦ୍ୱାରା ବ୍ୟବସ୍ଥାକୁ ସଂବିଧାନ ପ୍ରଣୟନ ଦିନଠାରୁ ଷାଠିଏ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ସଭ୍ୟପଦ ସଂରକ୍ଷଣର ଅର୍ଥହେଲା ଉଦ୍ଦିଷ୍ଟ ନିର୍ବାଚନ ମଣ୍ଡଳୀରୁ କେବଳ ଅନୁସୂଚିତ ଜାତି ବା ଜନଜାତିର ବ୍ୟକ୍ତି ପ୍ରତିନିଧିତ୍ୱ କରିପାରିବେ । କିନ୍ତୁ ଆମର ଯୁଗ୍ମ ନିର୍ବାଚନ ମଣ୍ଡଳୀର ବ୍ୟବସ୍ଥା ରହିଛି । ସଂରକ୍ଷିତ ନିର୍ବାଚନ ମଣ୍ଡଳୀର ଭୋଟଦାତାମାନେ ଜାତି ଓ ଜନଜାତି ନିର୍ବିଶେଷରେ ଭୋଟ ଦିଅନ୍ତି । ଜାତି ଓ ଜନଜାତିକୁ ଆଧାର କରି ଭୋଟ ଦାତାମାନଙ୍କୁ ବିଭାଜିତ କରାଯାଇ ନଥାଏ ।

ଲୋକସଭାର ପ୍ରତିନିଧିତ୍ୱ ଜନସଂଖ୍ୟା ଉପରେ ଆଧାରିତ । ତେଣୁ ସବୁଠାରୁ ଜନବହୁଳ ରାଜ୍ୟ ଉତ୍ତର ପ୍ରଦେଶ ପ୍ରାୟ ୮୦ ଜଣ ସଦସ୍ୟଙ୍କୁ ନିର୍ବାଚିତ କଲାବେଳେ ମିଜୋରାମ, ନାଗାଲାଣ୍ଡ ଓ ସିକିମ୍ ପରି କ୍ଷୁଦ୍ରରାଜ୍ୟ ମାତ୍ର ଜଣେ ଲେଖାଁଏ ସଭ୍ୟକୁ ନିର୍ବାଚିତ କରିଥାଆନ୍ତି । ଦିଲ୍ଲୀରୁ ସାତ ଜଣ ସଦସ୍ୟ ନିର୍ବାଚିତ ହୋଇଥାନ୍ତି ।

ଲୋକସଭାର ନିର୍ବାଚନକୁ ଆଖିରେ ରଖି ରାଜ୍ୟମାନଙ୍କୁ ସେମାନଙ୍କର ଲୋକସଂଖ୍ୟା ଅନୁସାରେ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ବିଭାଜନ କରାଯାଇଥାଏ ଓ ପ୍ରତ୍ୟେକ ମଣ୍ଡଳୀରୁ ଜଣେ ସଭ୍ୟ ନିର୍ବାଚିତ ହେବାର ବ୍ୟବସ୍ଥା କରାଯାଇଛି ।

## ୧୧.୧.୬ ଯୋଗ୍ୟତା

୧୮ ବର୍ଷ ବା ତତୋଽଧିକ ବୟସର ପ୍ରତ୍ୟେକ ଭାରତୀୟ ନାଗରିକଙ୍କର ଲୋକସଭା ନିର୍ବାଚନରେ ଭୋଟ ଦେବାର ଅଧିକାର ରହିଛି, ଯାହାକି ସଂସଦର ପ୍ରଣୀତ ଆଇନ ଦ୍ୱାରା ନିୟନ୍ତ୍ରିତ । ଯେକୌଣସି ଭାରତୀୟ ନାଗରିକ ଲୋକସଭାର ସଦସ୍ୟ ହୋଇପାରିବେ ଯଦି ତାଙ୍କର ନିମ୍ନୋକ୍ତ ଯୋଗ୍ୟତା ଥିବ ।

୧। ସେ ୨୫ ବର୍ଷରୁ କମ୍ ବୟସ ହୋଇ ନଥିବେ ।

୨। ସେ ଶପଥପାଠ ବା ସତ୍ୟୋକ୍ତି ମାଧ୍ୟମରେ ଘୋଷଣା କରିବେ ଯେ ତାଙ୍କର ଭାରତର ସମ୍ବିଧାନ ପ୍ରତି ବିଶ୍ୱାସ ଓ ଆନୁଗତ୍ୟ ଅଛି ଏବଂ ସେ ଭାରତର ସାର୍ବଭୌମତ୍ୱ ଓ ଐକ୍ୟକୁ ରକ୍ଷା କରିବେ ।

୩। ଏହା ଛଡ଼ା ତାଙ୍କର ସଂସଦ ଦ୍ୱାରା ପ୍ରଣୀତ ଆଇନ୍ ଅନୁସାରେ ସୃଷ୍ଟି କରାଯାଇଥିବା ଅନ୍ୟ ଯୋଗ୍ୟତା ଥିବ । ସେ ଭୋଟଦାତା ହିସାବରେ ଭାରତର ଯେ କୌଣସି ନିର୍ବାଚନ ମଣ୍ଡଳୀର ପଞ୍ଜିକୃତ ଭୋଟଦାତା ହୋଇଥିବେ ।

୪। ଯେଉଁବ୍ୟକ୍ତି ସଂରକ୍ଷିତ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ ସେ ଆବଶ୍ୟକ ଅନୁସୂଚିତ ଜାତି ବା ଜନଜାତିର ସଦସ୍ୟ ହୋଇଥିବେ ।

## ୧୧.୧.୭ କାର୍ଯ୍ୟକାଳ

ସାଧାରଣ ଭାବରେ ଲୋକସଭାର କାର୍ଯ୍ୟକାଳ ପାଞ୍ଚବର୍ଷ । କିନ୍ତୁ ମନ୍ତ୍ରୀପରିଷଦର ପରାମର୍ଶ ଅନୁସାରେ ରାଷ୍ଟ୍ରପତି ଲୋକସଭାକୁ ପାଞ୍ଚବର୍ଷ ପୂର୍ବରୁ ଭଙ୍ଗ କରିପାରିବେ । ଜାତୀୟ ଜରୁରୀ ପରିସ୍ଥିତିରେ ଏହାର କାର୍ଯ୍ୟକାଳ

ଏକ ବର୍ଷ ଲେଖାଁଏ ଥର ଥର କରି ବୃଦ୍ଧି କରାଯାଇପାରିବ । କିନ୍ତୁ ଜରୁରୀ ପରିସ୍ଥିତି ଶେଷ ହେବାପରେ ଛଅମାସରୁ ଅଧିକ ଲାଗୁ ହୋଇ ପାରିବ ନାହିଁ ।  ବହୁବାର ଲୋକସଭାର କାର୍ଯ୍ୟକାଳ ପୂରିବା ପୂର୍ବରୁ ଏହାକୁ ଭଙ୍ଗ କରାଯାଇଛି । ଉଦାହରଣ ସ୍ୱରୂପ ଦ୍ୱାଦଶ ଲୋକସଭା ୧୯୯୮ରେ ଗଠିତ ହେଇଥିଲା ଓ ୧୯୯୯ରେ ଭଙ୍ଗ ହୋଇଥିଲା ।

## ୧୧.୧.୮ ଲୋକସଭାର ପଦାଧିକାରୀ

**ବାଚସ୍ପତି ଓ ଉପବାଚସ୍ପତି :** ଲୋକସଭାର ଅଧକ୍ଷଙ୍କୁ ବାଚସ୍ପତି କୁହାଯାଏ । ଲୋକସଭାର ସଭ୍ୟମାନେ ତାଙ୍କୁ ନିର୍ବାଚିତ କରନ୍ତି । ସେ ଲୋକସଭା ଭଙ୍ଗ ହେବା ପରେ ବି ବାଚସ୍ପତି ରୁହନ୍ତି, ଯେତେବେଳେ ପର୍ଯ୍ୟନ୍ତ ପରବର୍ତ୍ତୀ ଲୋକସଭା ତାଙ୍କ ସ୍ଥାନରେ ଜଣେ ନୂତନ ବାଚସ୍ପତି ନିର୍ବାଚିତ ନକରିଛନ୍ତି । ତାଙ୍କ ଅନୁପସ୍ଥିତିରେ ଉପବାଚସ୍ପତି ଅଧକ୍ଷତା କରନ୍ତି ଯିଏ କି ଲୋଭସଭାର ସଦସ୍ୟଙ୍କ ଦ୍ୱାରା ନିର୍ବାଚିତ ହୋଇଥାଆନ୍ତି । ଉଭୟ ବାଚସ୍ପତି ଓ ଉପବାଚସ୍ପତି ତାଙ୍କ ପଦବୀରୁ ବହିଷ୍କୃତ ହେବେ ଯଦି ଲୋକସଭାରେ ସମୁଦାୟ ସଭ୍ୟଙ୍କ ସଂଖ୍ୟାଗରିଷ୍ଠ ସଭ୍ୟ ତାଙ୍କ ବହିଷ୍କାର ପ୍ରସ୍ତାବ ସପକ୍ଷରେ ଭୋଟ ଦିଅନ୍ତି । ବାଚସ୍ପତିଙ୍କର କେତେକ କ୍ଷମତା ଓ କାର୍ଯ୍ୟାବଳୀ ନିମ୍ନରେ ଉଲ୍ଲେଖ କରାଗଲା ।

୧। ବାଚସ୍ପତିଙ୍କର ମୁଖ୍ୟ ଦାୟିତ୍ୱ ହେଲା ସେ ଲୋକସଭାରେ ଅଧକ୍ଷତା କରିବେ ଓ ଏହାର ଅଧିବେସନକୁ ଶୃଙ୍ଖଳାର ସହ ପରିଚାଳନା କରିବେ । କୌଣସି ସଭ୍ୟ ତାଙ୍କ ଅନୁମତି ବିନା ଗୃହରେ  ମତବ୍ୟକ୍ତ କରିପାରିବେ ନାହିଁ । ସେ ଜଣେ ସଭ୍ୟଙ୍କୁ ତାଙ୍କ ବକ୍ତବ୍ୟ ଶେଷ କରିବାକୁ ଆଦେଶ ଦେଇ ପାରିବେ ଓ ଯଦି ସେହି ସଭ୍ୟ ତାଙ୍କ ଆଦେଶକୁ ଅବମାନନା କରନ୍ତି ସେ ସେହି ସଭ୍ୟଙ୍କ ବକ୍ତବ୍ୟକୁ ଲିପିବଦ୍ଧ ନକରିବା ପାଇଁ ଆଦେଶ ଦେଇପାରିବେ ।

୨। ସମସ୍ତ ଚିଠା, ତଥ୍ୟ, ଆଲୋଚନା ଓ ପ୍ରସ୍ତାବ ବାଚସ୍ପତିଙ୍କ ଅନୁମତିରେ ଆଗତ ହୋଇଥାଏ । ସେ ପ୍ରସ୍ତାବ ବା ଚିଠାକୁ ଭୋଟ ଗ୍ରହଣ ପାଇଁ ଆଗତ କରନ୍ତି । ସେ ଭୋଟ ପ୍ରକ୍ରିୟାରେ ଅଂଶ ଗ୍ରହଣ କରନ୍ତି ନାହିଁ । କିନ୍ତୁ ଯେତେବେଳେ ସପକ୍ଷ ଓ ବିପକ୍ଷରେ ସମାନ ସଂଖ୍ୟକ ଭୋଟ ପ୍ରଦାନ ହୁଏ, ସେତେବେଳେ ସିଏ ନିଜର ନିର୍ଣ୍ଣାୟକ ଭୋଟ ପ୍ରଦାନ କରନ୍ତି । କିନ୍ତୁ ସେ ଭୋଟ ଦେଲାବେଳେ ନିଜର ନିରପେକ୍ଷତା ଓ ସ୍ୱାଧୀନତାକୁ ବଜାୟ ରଖିବା ଆବଶ୍ୟକ ।

୩। ଯେକୌଣସି ସଂସଦୀୟ ବ୍ୟପାର ଉପରେ ତାଙ୍କ ନିଷ୍ପତ୍ତି ଶେଷ ନିଷ୍ପତ୍ତି ।

୪। ସେ ସଭ୍ୟମାନଙ୍କର ଅଧିକାର ଓ ସ୍ୱତନ୍ତ୍ର ସୁବିଧାଗୁଡ଼ିକର ରକ୍ଷାକର୍ତ୍ତା ।

୫। ସେ ଯେକୌଣସି ସଭ୍ୟଙ୍କୁ ଦଳବଦଳ କାରଣରୁ ଅଯୋଗ୍ୟ ଘୋଷିତ କରିପାରିବେ । ବାଚସ୍ପତି ସଭ୍ୟମାନଙ୍କର ଇସ୍ତଫା ଗ୍ରହଣ କରନ୍ତି ଓ ଇସ୍ତଫାର ବାସ୍ତବତାକୁ ବିଚାର କରନ୍ତି ।

୬। ଯେତେବେଳେ ଲୋକସଭା ଓ ରାଜ୍ୟସଭାର ମିଳିତ ଅଧିବେଶନ ଅନୁଷ୍ଠିତ ହୁଏ, ସେ ଏହାର ଅଧକ୍ଷତା କରନ୍ତି ।

### ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୧୧.୨

୧। ଲୋକସଭାର ଅନୁମୋଦିତ ସଭ୍ୟସଂଖ୍ୟା କେତେ ?

୨। କେଉଁ ରାଜ୍ୟ ଲୋକସଭାକୁ ସର୍ବାଧିକ ସଭ୍ୟ ପଠାଇଥାଏ ?


୩। ରାଷ୍ଟ୍ରପତି କେତେଜଣ ଆଙ୍ଗ୍ଲୋଇଣ୍ଡିଆନ ସଭ୍ୟଙ୍କୁ ଲୋକସଭାକୁ ମନୋନୀତ କରିପାରିବେ ?

୪। ସମାଜର କେଉଁ ଗୋଷ୍ଠୀ ପାଇଁ ଲୋକସଭାରେ ସଭ୍ୟପଦ ସଂରକ୍ଷିତ ଥାଏ ?

୫। କେଉଁମାନେ ଲୋକସଭାର ନିର୍ବାଚନରେ ଭୋଟ ଦେଇପାରିବେ ?

୬। କିଏ ଲୋକସଭାକୁ ଭଙ୍ଗ କରିପାରିବେ ?

୭। କିଏ ଲୋକସଭାର ବାଚସ୍ପତିଙ୍କୁ ନିର୍ବାଚିତ କରନ୍ତି ?



Notes

## ୧୧.୨ ସଂସଦର କାର୍ଯ୍ୟାବଳୀ

ସଂସଦର କାର୍ଯ୍ୟାବଳୀ ଓ କ୍ଷମତାକୁ ବ୍ୟବସ୍ଥାପକ, କାର୍ଯ୍ୟପାଳିକା, ଆର୍ଥିକ ଓ ଅନ୍ୟାନ୍ୟ କ୍ଷମତା ଭାବରେ ବିଭାଜିତ କରାଯାଇଥାଏ ।

### ୧୧.୨.୧ ବ୍ୟବସ୍ଥାପକ କାର୍ଯ୍ୟାବଳୀ

ମୁଖ୍ୟତଃ ସଂସଦ ଗୋଟିଏ ଆଇନ୍‌ପ୍ରଣୟନକାରୀ ଅନୁଷ୍ଠାନ । ପୂର୍ବରୁ ଗୋଟିଏ ଅଧ୍ୟାୟରେ ଆମେ ଜାଣିଲେ ଯେ କେନ୍ଦ୍ର ଓ ରାଜ୍ୟମଧ୍ୟରେ କ୍ଷମତା ବଣ୍ଟନ ହୋଇଛି । ସଂବିଧାନରେ ତିନୋଟି ତାଲିକା ରହିଛି — କେନ୍ଦ୍ରତାଲିକା, ରାଜ୍ୟତାଲିକା ଓ ଯୁଗ୍ମତାଲିକା । ସଂସଦ କେବଳ କେନ୍ଦ୍ରତାଲିକାରେ ଥିବା ବିଷୟ ଗୁଡ଼ିକ ଉପରେ ଆଇନ୍ ପ୍ରଣୟନ କରିପାରିବ । ଆମେ ଜାଣିଅଛୁ କେନ୍ଦ୍ର ତାଲିକାରେ ୯୭ଟି ବିଷୟ ରହିଛି । ରାଜ୍ୟବିଧାନ ସଭା ସହ ଯୁଗ୍ମ ତାଲିକାରେ ଥିବା ବିଷୟ ଉପରେ ମଧ୍ୟ ଆଇନ ପ୍ରଣୟନ କରିବାର କ୍ଷମତା ସଂସଦର ରହିଛି । ଯଦି ଉଭୟ କେନ୍ଦ୍ର ଓ ରାଜ୍ୟ ଯୁଗ୍ମତାଲିକାରେ ଥିବା ବିଷୟ ଉପରେ ଆଇନ୍ ପ୍ରଣୟନ କରନ୍ତି ଓ ଉଭୟ ଆଇନ ପରସ୍ପର ବିରୋଧୀ ହୋଇଥାଏ, ତେବେ କେନ୍ଦ୍ର ଆଇନ୍ କାର୍ଯ୍ୟକାରୀ ହୁଏ ଓ ରାଜ୍ୟ ଆଇନ୍ ଅକାମୀ ହୋଇଯାଏ । କୌଣସି ବିଷୟ ଯାହାକି କୌଣସି ତାଲିକାରେ ନଥାଏ ଯାହାକୁ ବଳକା କ୍ଷମତା ବୋଲି କୁହାଯାଏ ।

ଏହିପରି ଭାବରେ ସଂସଦର ଆଇନ୍ ପ୍ରଣୟନ କରିବାର କ୍ଷମତା ଅତି ବିସ୍ତୃତ । ଏହା କେନ୍ଦ୍ର ତାଲିକା ଓ ଯୁଗ୍ମ ତାଲିକା ଉପରେ ଆଇନ ପ୍ରଣୟନ କ୍ଷମତା ସହ କେତେକ ପରିସ୍ଥିତିରେ ରାଜ୍ୟତାଲିକା ବିଷୟ ଉପରେ ମଧ୍ୟ କ୍ଷମତା ଜାହିର କରିଥାଏ ।

### ୧୧.୨.୨ କାର୍ଯ୍ୟପାଳିକା କ୍ଷମତା

ଗୋଟିଏ ସଂସଦୀୟ ସରକାର ବ୍ୟବସ୍ଥାରେ ସଂସଦ ଓ କାର୍ଯ୍ୟପାଳିକା ମଧ୍ୟରେ ନିବିଡ଼ ସମ୍ପର୍କ ଥାଏ । ଏହାଛଡ଼ା କାର୍ଯ୍ୟପାଳିକା ନିଜର ସମସ୍ତ କାର୍ଯ୍ୟପାଇଁ ସଂସଦ ନିକଟରେ ଦାୟୀ ରୁହେ । ପ୍ରଧାନମନ୍ତ୍ରୀ ଓ ମନ୍ତ୍ରୀ ପରିଷଦ ବ୍ୟକ୍ତିଗତ ଭାବରେ ଓ ମିଳିତ ଭାବରେ ସଂସଦ ନିକଟରେ ଦାୟୀ । ସଂସଦ ଯେ କୌଣସି ମନ୍ତ୍ରୀଙ୍କୁ ଅନାସ୍ଥାପ୍ରସ୍ତାବ ପାଶ୍ କରି ବା ଆସ୍ଥା ପ୍ରସ୍ତାବକୁ ଗ୍ରହଣ ନ କରି କ୍ଷମତା ଚ୍ୟୁତ କରିପାରିବ । ଭାରତରେ ଏହା ବହୁବାର ଘଟିଛି । ୧୯୯୯ ମସିହାରେ ଯେତେବେଳେ ଅଟଳବିହାରୀ ବାଜପେୟୀଙ୍କ ସରକାର ମାତ୍ର ଗୋଟିଏ ଭୋଟରେ ପରାସ୍ତ ହୋଇଥିଲା ଓ ଇସ୍ତଫା ଦେଇଥିଲା

କିନ୍ତୁ ଅନାସ୍ଥାପ୍ରସ୍ତାବ କିମ୍ବା ଆସ୍ଥା ପ୍ରସ୍ତାବ ସଂସଦର କାର୍ଯ୍ୟପାଳିକା ଉପରେ ନିୟନ୍ତ୍ରଣ ଜାହିର କରିବାର ଅନ୍ତିମ କ୍ଷମତା । ଏହି ପନ୍ଥା ଅତି ଆବଶ୍ୟକ ସ୍ଥଳରେଗ୍ରହଣ କରାଯାଇଥାଏ । ସଂସଦ କାର୍ଯ୍ୟପାଳିକା ଉପରେ ତାର ନିୟନ୍ତ୍ରଣ ନିୟମିତ ଭାବରେ ବିଭିନ୍ନ ଉପାୟରେ ଜାହିର କରିଥାଏ । ସେଥିମଧ୍ୟରୁ କେତୋଟି ପନ୍ଥା ନିମ୍ନରେ ଉଲ୍ଲେଖ କରାଗଲା ।

(କ) କେନ୍ଦ୍ର ସରକାରର ଯେ କୌଣସି କାର୍ଯ୍ୟକଳାପ ଉପରେ ସଂସଦର ସଭ୍ୟମାନେ ପ୍ରଶ୍ନ ପଚାରି ପାରିବେ ବା ଅତିରିକ୍ତ ପ୍ରଶ୍ନ କରିପାରିବେ । ସଂସଦର ପ୍ରତ୍ୟେକ କାର୍ଯ୍ୟକାରୀ ଦିବସର ପ୍ରଥମ ଭାଗ ପ୍ରଶ୍ନ ସମ୍ବନ୍ଧୀୟ ହୋଇଥାଏ, ଯେଉଁଥିରେ ମନ୍ତ୍ରୀମାନେ ସଭ୍ୟମାନଙ୍କ ଦ୍ୱାରା ଆଗତ ପ୍ରଶ୍ନର ଉତ୍ତର ଦେଇଥାଆନ୍ତି ।

(ଖ) ଯଦି ସଭ୍ୟମାନେ ସରକାରଙ୍କ ଉତ୍ତରରେ ସନ୍ତୁଷ୍ଟ ହୁଅନ୍ତି ନାହିଁ ତେବେ ସେମାନେ ଅତିରିକ୍ତ ଆଲୋଚନା ପାଇଁ ଦାବି କରିଥାଆନ୍ତି ।

(ଗ) ସଂସଦ କାର୍ଯ୍ୟପାଳିକାକୁ ନିୟନ୍ତ୍ରଣ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଆଗତ କରିଥାଏ । ଉଦାହରଣ ସ୍ୱରୂପ ଦୃଷ୍ଟି ଆକର୍ଷଣକାରୀ ପ୍ରସ୍ତାବ ଓ ମୁଲତବୀ ପ୍ରସ୍ତାବ, ଯାହା ମାଧ୍ୟମରେ ନିକଟ ଅତୀତରେ ଘଟିଥିବା ଗୁରୁତ୍ୱପୂର୍ଣ୍ଣ ଜନସାଧାରଣଙ୍କ ସମ୍ବନ୍ଧିତ ବିଷୟ ଉପରେ ଚର୍ଚ୍ଚାପାଇଁ ଆହ୍ୱାନ । ସରକାର ଏହି ପ୍ରସ୍ତାବ ଗୁଡ଼ିକୁ ସର୍ବଦା ଗୁରୁତ୍ୱର ସହ ଗ୍ରହଣ କରିଥାଏ, କାରଣ ସରକାର ଏହା ମାଧ୍ୟମରେ ଭୟଙ୍କର ଭାବରେ ସମାଲୋଚିତ ହୋଇଥାଏ ଓ ଏହାର ପ୍ରଭାବ ଭୋଟରମାନଙ୍କ ଉପରେ ପଡ଼ିବାର ସମ୍ଭାବନା ଥାଏ, ଯେଉଁମାନଙ୍କୁ ସରକାର ଅବଶେଷରେ ସମ୍ମୁଖୀନ ହୋଇଥାଏ । ଯଦି ଏପରି ପ୍ରସ୍ତାବ ପାଶ୍ ହୁଏ ତେବେ ସରକାର ଭର୍ତ୍ସିତ ହୋଇଥାଆନ୍ତି ।

**ଭର୍ତ୍ସନା ପ୍ରସ୍ତାବ :** -ଏହି ପ୍ରସ୍ତାବ ସରକାରଙ୍କ ଦୋଷକୁ ସୂଚିତ କରେ । କିନ୍ତୁ ଏଥିପାଇଁ ସରକାରଙ୍କୁ ଇସ୍ତଫା ଦେବାର ଆବଶ୍ୟକତା ନଥାଏ ।

(ଘ) କାର୍ଯ୍ୟପାଳିକା ଉପରେ ନିଜର ଅନାସ୍ଥାକୁ ଲୋକସଭାରେ ବଜେଟ୍ ବା ଅର୍ଥବିଲ୍ ଓ ସାଧାରଣ ଚିଠାକୁ ପ୍ରତ୍ୟାଖ୍ୟାନ କରି ପ୍ରକାଶ କରାଯାଇଥାଏ ।

## ୧୧.୨.୩ ଆର୍ଥିକ କ୍ଷମତା


ସଂସଦ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ କାର୍ଯ୍ୟ କରିଥାଏ । ଏହା ରାଷ୍ଟ୍ରର ଆର୍ଥିକ ସମ୍ବଳର ରକ୍ଷାକର୍ତ୍ତା ବା ଜଗୁଆଳୀ । ସଂସଦ କେନ୍ଦ୍ର ସରକାରଙ୍କ ନିକଟରେ ଥିବା ଅର୍ଥର ନିୟନ୍ତ୍ରକ । ଏହାର ବିନା ଅନୁମତିରେ କିଛି ଖର୍ଚ୍ଚ କରାଯାଇ ପାରିବ ନାହିଁ । ଏହି ଅନୁମୋଦନ ଖର୍ଚ୍ଚ ପୂର୍ବରୁ ବା ବେଳେବେଳେ ଖର୍ଚ୍ଚ ହୋଇ ସାରିବା ପରେ କରାଯାଇଥାଏ । ବଜେଟ୍ ବା ବାର୍ଷିକ ଅର୍ଥଚିଠା ସଂସଦ ଦ୍ୱାରା ପ୍ରତିବର୍ଷ ଅନୁମୋଦିତ ହୋଇଥାଏ ।

## ୧୧.୨.୪ ନିର୍ବାଚନ ଗତ କ୍ଷମତା

ସଂସଦର ପ୍ରତ୍ୟେକ ନିର୍ବାଚିତ ସଭ୍ୟ ରାଷ୍ଟ୍ରପତିଙ୍କୁ ନିର୍ବାଚିତ କରୁଥିବା ନିର୍ବାଚନ ମଣ୍ଡଳୀର ସଭ୍ୟ । ତେଣୁ ସେମାନେ ଭାରତର ରାଷ୍ଟ୍ରପତିଙ୍କ ନିର୍ବାଚନରେ ଅଂଶ ଗ୍ରହଣ କରନ୍ତି । ସେମାନେ ଉପରାଷ୍ଟ୍ରପତିଙ୍କୁ ମଧ୍ୟ ନିର୍ବାଚିତ କରନ୍ତି । ଲୋକସଭାର ସଭ୍ୟମାନେ ବାଚସ୍ପତି ଓ ଉପବାଚସ୍ପତିଙ୍କୁ ଏବଂ ରାଜ୍ୟସଭାର ସଭ୍ୟମାନେ ରାଜ୍ୟସଭାର ଉପାଧ୍ୟକ୍ଷଙ୍କୁ ନିର୍ବାଚିତ କରିଥାଆନ୍ତି ।

## ୧୧.୨.୫ ବହିଷ୍କାର କ୍ଷମତା

କେତେକ ମୁଖ୍ୟ ପଦାଧିକାରୀଙ୍କୁ ବହିଷ୍କାର କରିବା ପ୍ରକ୍ରିୟା ସଂସଦ ଦ୍ୱାରା ଆରମ୍ଭ କରାଯାଇଥାଏ । ଭାରତର ରାଷ୍ଟ୍ରପତିଙ୍କୁ ମହାଭିଯୋଗ ପ୍ରସ୍ତାବ ମାଧ୍ୟମରେ ବହିଷ୍କୃତ କରାଯାଏ (ଏହା ଅଧ୍ୟାୟ ୧୦ରେ ଆଲୋଚିତ ହୋଇଛି) । ଉଚ୍ଚତମ ନ୍ୟାୟାଳୟ ଓ ଉଚ୍ଚନ୍ୟାୟାଳୟର ବିଚାରପତିମାନଙ୍କୁ ବହିଷ୍କାର କରିବା ପାଇଁ ଏକ ପ୍ରସ୍ତାବ ସଂସଦର ଉଭୟ କକ୍ଷରେ ସ୍ୱତନ୍ତ୍ର ସଂଖ୍ୟା ଗରିଷ୍ଠତାରେ ଗୃହୀତ ହେଲା ପରେ ରାଷ୍ଟ୍ରପତି ସେମାନଙ୍କୁ ବହିଷ୍କାର କରିବା ପାଇଁ ଆଦେଶ ଦେଇଥାନ୍ତି । (ଅଧ୍ୟାୟ ୧୨ ଓ ୧୫ ଦେଖ) ।





## ୧୧.୨.୬ ସଂବିଧାନ ସଂଶୋଧନ ସମ୍ବନ୍ଧୀୟ କ୍ଷମତା

ସଂବିଧାନର ଅଧିକାଂଶ ଅଂଶ ସଂସଦ ଦ୍ୱାରା ସ୍ୱତନ୍ତ୍ର ସଂଖ୍ୟା ଗରିଷ୍ଠତାରେ ସଂଶୋଧନ କରାଯାଇଥାଏ । କିନ୍ତୁ କେତେକ ବ୍ୟବସ୍ଥା ସଂସଦ ଦ୍ୱାରା କରାଯାଇ ରାଜ୍ୟମାନଙ୍କ ସ୍ୱୀକୃତି ପାଇଲାପରେ ସଂଶୋଧିତ ହୋଇଥାଏ । ଯେହେତୁ ଭାରତ ଗୋଟିଏ ସଂଘୀୟ ରାଷ୍ଟ୍ର, ସଂସଦର ସଂବିଧାନ ସଂଶୋଧନ କ୍ଷମତା ସୀମିତ । ଆମ ଉଚ୍ଚତମ ନ୍ୟାୟାଳୟ ଘୋଷଣା କରିସାରିଛି ଯେ ସଂସଦ ସଂବିଧାନର ମୌଳିକ ବ୍ୟବସ୍ଥାର ପରିବର୍ତ୍ତନ କରିପାରିବ ନାହିଁ ।

ତୁମେ ଅନ୍ୟ ଏକ ଅଧ୍ୟାୟରେ ସଂବିଧାନ ସଂଶୋଧନ ପ୍ରଣାଳୀ ବିଷୟରେ ଜାଣି ସାରିଛ ।

## ୧୧.୨.୭ ଅନ୍ୟାନ୍ୟ କ୍ଷମତା ବା ବିବିଧ କ୍ଷମତା

ଉପରୋକ୍ତ କାର୍ଯ୍ୟାବଳୀ ସହିତ ସଂସଦ ଅନ୍ୟାନ୍ୟ ବହୁ କ୍ଷମତା କାର୍ଯ୍ୟକାରୀ କରିଥାଏ । ସେଥିମଧ୍ୟରୁ କେତେକ କ୍ଷମତା ନିମ୍ନରେ ପ୍ରଦତ୍ତ ହେଲା —

(କ) ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିବାର କ୍ଷମତା ରାଷ୍ଟ୍ରପତିଙ୍କର ହୋଇଥିଲେ ମଧ୍ୟ ତାଙ୍କ ଘୋଷଣା ସଂସଦର ସ୍ୱିକୃତି ଲାଭ କରିବା ଆବଶ୍ୟକ । ଉଭୟ ଲୋକସଭା ଓ ରାଜସଭା ଏହି ଘୋଷଣାକୁ ସ୍ୱିକୃତି ଦେବା ଆବଶ୍ୟକ ।

(ଖ) ସଂସଦ କୌଣସି ରାଜ୍ୟର ଭୌଗଳିକ ଅଞ୍ଚଳକୁ ବିଭାଜିତ କରି ଏକ ନୂତନ ରାଜ୍ୟ ସୃଷ୍ଟି କରିପାରିବ ଓ ଦୁଇ ବା ତତୋଧିକ ରାଜ୍ୟକୁ ମିଶ୍ରଣ କରି ଗୋଟିଏ ରାଜ୍ୟରେ ପରିଣତ କରିପାରିବ । ଏହା ଯେକୌଣସି ରାଜ୍ୟର ସୀମାରେଖା ବା ନାମକରଣ ପରିବର୍ତ୍ତନ କରିପାରିବ । ନିକଟ ଅତୀତରେ (୨୦୦୦ମସିହା) ଛତିଶଗଡ଼, ଝାଡ଼ଖଣ୍ଡ ଓ ଉତ୍ତରାଖଣ୍ଡ ସୃଷ୍ଟି କରାଯାଇଥିଲା ।

(ଗ) ଭାରତର ସଂସଦ କୌଣସି ନୂତନ ରାଜ୍ୟକୁ ଭାରତରେ ଅନ୍ତର୍ଭୁକ୍ତ କରିପାରିବ (୧୯୭୫ରେ ସିକିମ୍) ।

(ଘ) ସଂସଦ ଗୋଟିଏ ରାଜ୍ୟରେ ବିଧାନ ପରିଷଦ ସୃଷ୍ଟି କରିପାରିବ ବା ଏହାର ଅନ୍ତ ବା ବିଲୋପ କରିପାରିବ । ଏହା କେବଳ ସେହି ରାଜ୍ୟର ବିଧାନ ସଭାର ଅନୁରୋଧରେ କରାଯାଇଥାଏ । ଏହିପରି ଭାରତର ସଂସଦ ଯଦିଓ ସଂଘୀୟ ବ୍ୟବସ୍ଥାଯୋଗୁ କ୍ଷମତାରେ ସୀମିତ, ଏହାର ବିସ୍ତୃତ କ୍ଷମତା ରହିଛି । ନିଜର କ୍ଷମତା ପ୍ରୟୋଗ କଲାବେଳେ ସଂସଦକୁ ଜନସାଧାରଣଙ୍କ ଆଶା ଓ ଆବଶ୍ୟକତା ଉପରେ ଗୁରୁତ୍ୱ ଦେବାକୁ ପଡ଼ିଥାଏ । ଭାରତର ସାମାଜିକ-ଅର୍ଥନୈତିକ ଦ୍ୱନ୍ଦ୍ୱ ତଥା ରାଜନୈତିକ ଦ୍ୱନ୍ଦକୁ ସମାଧାନ କରିବାର ମୁଖ୍ୟ ଅନୁଷ୍ଠାନ ହେଉଛି ସଂସଦ । ଏହା କେତେକ ନିର୍ଦ୍ଦିଷ୍ଟ ସମସ୍ୟା ସମ୍ବନ୍ଧରେ ସହମତତା ସୃଷ୍ଟି କରିଥାଏ, ଯାହା ରାଷ୍ଟ୍ରପାଇଁ ଗୁରୁତ୍ୱପୂର୍ଣ୍ଣ , ଯେପରିକି ବୈଦେଶିକ ନୀତି ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୧୧.୩

୧। ସେଇ ତାଲିକାର ନାମକ'ଣ ଯାହା ଉପରେ କେବଳ ସଂସଦ ଆଇନ୍ ପ୍ରଣୟନ କରିପାରିବ ?

୨। କିଏ ରାଜ୍ୟତାଲିକାଭୁକ୍ତ ବିଷୟ ଉପରେ ଆଇନ୍ ପ୍ରଣୟନ କରିଥାଏ ?

୩। କେତୋଟି ରାଜ୍ୟ ଏକତ୍ରଭାବେ ସଂସଦକୁ ରାଜ୍ୟତାଲିକା ଭୁକ୍ତ କେତେକ ବିଷୟ ଉପରେ ଆଇନ୍ ପ୍ରଣୟନ କରିବାକୁ ଅନୁରୋଧ କରିପାରିବେ ?

୪। କିଏ ଭାରତରେ ଗୋଟିଏ ନୂତନ ରାଜ୍ୟ ସୃଷ୍ଟି କରିପାରିବ ?